



## ସଂକ୍ଷେପରେ



### ଏନ୍ଏଚ୍ଏ ଡିଭିଜନ ନିର୍ବାହୀଯନ୍ତ୍ରୀ ଗିରଫ ଘଟଣା
### ଜୟପୁର ଅଫିସ୍‌ରେ ଖୋଳତାଡ଼

ଜୟପୁର,୨୧ା୧(ଡି.ଏନ.ଏ): କୋରାପୁଟ ଜିଲା ଜୟପୁର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଡିଭିଜନ ନିର୍ବାହୀଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ଅର୍ଥ ହେର୍‌ଫେର ମାମଲାରେ ଶନିବାର ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହେବା ଘଟଣାକୁ ନେଇ ଖାଲତାଡ଼ ଚାଲିଛି। ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଡିଏସ୍‌ପି ଶିଶିର ଭୋଇ ଏବଂ ଇନ୍ସପେକ୍ଟର ପଦ୍ମଚରଣ ମହାନ୍ତି ଜୟପୁର ଜାତୀୟ ରାଜପଥ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ୍ କରିବା ସହିତ ୧୦ ହଜାର ଟଙ୍କା ଜବତ କରିଛନ୍ତି । ନିର୍ବାହୀଯନ୍ତ୍ରୀ ହରେକୃଷ୍ଣଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ସ୍ଥାବର ସମ୍ପତ୍ତିର ଯାଞ୍ଚ୍ ଚାଲିଥିବା ନେଇ ଡିଏସ୍‌ପି ଭୋଇ ପ୍ରକାଶ କରିଛନ୍ତି ।

### ୩ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର

କୋରାପୁଟ,୨୧ା୧(ସ୍ୱ.ପ୍ର.): କୋରାପୁଟ ଜିଲାର ସୋମବାର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। କୋରାପୁଟ ଉପଖଣ୍ଡ ଲକ୍ଷ୍ମୀପୁର, ପଟ୍ଟାଙ୍ଗି ଏବଂ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫ ଲକ୍ଷ ୪୨ ହଜାର ୭୬୨ ଜଣ ମତଦାତା ରହିଥିବା ଜଣାପଡ଼ିଛି। ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୬୮ ହଜାର ୫୧୩ ଜଣ ମତଦାତାଙ୍କ ମଧ୍ୟରୁ ୭୯ ହଜାର ୭୬୫ ଜଣ ପୁରୁଷ ଏବଂ ୮୮ ହଜାର ୭୪୪ ଜଣ ମହିଳା ଓ ଅନ୍ୟାନ୍ୟ ୪ ଜଣ ମତଦାତା ରହିଛନ୍ତି। ସେହିପରି ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୮୮ ହଜାର ୨୪୮ ଜଣ ମତଦାତାଙ୍କ ମଧ୍ୟରୁ ୯୦ ହଜାର ୯୪୧ ଜଣ ପୁରୁଷ ଏବଂ ୯୭ ହଜାର ୩୦୨ ଜଣ ମହିଳା ଏବଂ ଅନ୍ୟାନ୍ୟ ୫ ଜଣ ମତଦାତା ରହିଛନ୍ତି। କୋରାପୁଟ ବିଧାନସଭା ମଣ୍ଡଳୀରେ ୧ ଲକ୍ଷ ୮୬୦୦୧ ଜଣ ମତଦାତା ରହିଥିବାବେଳେ ସେଥିମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୯୧ ହଜାର ୨୨୭, ମହିଳା ୯୪ ହଜାର ୭୬୪ ଓ ଅନ୍ୟାନ୍ୟ ୧୦ ଜଣ ମତଦାତା ରହିଥିବା ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକାରୁ ଜଣାପଡ଼ିଛି।

### ମଦ ଜବତ, ୨ ଗିରଫ

ଜୟପୁର,୨୧ା୧ (ଡି.ଏନ୍.ଏ.) : କୋରାପୁଟ ଜିଲା ଜୟପୁର ସଦରଥାନା ପୋଲିସ ବାର୍ଲାହାଣ୍ଡି ଏବଂ ମାଝିଗୁଡା ଗ୍ରାମରେ ଚଢାଉ କରି ବେଆଇନ ଭାବେ ବିକ୍ରି କରାଯାଉଥିବା ୫୧ ଲିଟର ବିଦେଶୀ ମଦ ଜବତ କରିଛି। ଏଥିସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାର୍ଲାହାଣ୍ଡିର ଗୁପ୍ତ ସାହୁ ଏବଂ ମାଝିଗୁଡାର ଗୋବିନ୍ଦ ଚନ୍ଦ୍ର ମହାନ୍ତି। ଏସ୍.ଆଇ ମୁକୁନ୍ଦ ଦେବ ନାୟକଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

### ବୋଲେରୋ ଓଲଟି ୨ଗୁରୁତର, ୪ ଆହତ



ଜୟପୁର,୨୧ା୧ (ଡି.ଏନ୍.ଏ.): ଜୟପୁର ସଦରଥାନା ପାତ୍ରପୁଟ ଗ୍ରାମରେ ସୋମବାର ପୂର୍ବାହ୍ନରେ ଏକ ଯାତ୍ରୀବାହୀ ବୋଲେରୋ ଓଲଟି ୨ଜଣ ଗୁରୁତର ଓ ୪ଜଣ ସାମାନ୍ୟ ଆହତ ହୋଇଛନ୍ତି। ସେମାନେ ହେଲେ ବୁଦ୍ରା ହନ୍ତାଳ (୪୩) ଓ ଡମ୍ବୁ ଗୋଲରୀ (୪୫) ସନୁ ହନ୍ତାଳ (୨୬), ତ୍ରିନାଥ ହନ୍ତାଳ (୧୯), ଶୁକ୍ରା ହନ୍ତାଳ(୫୫) ଏବଂ ଡ୍ରାଇଭର ବସନ୍ତ ବାଘ। ସମସ୍ତେ ମାଲକାନଗିରି ଜିଲା ଖଇରପୁଟ ଥାନା ସର୍ଗିଗୁଡା ଗ୍ରାମର ବାସିନ୍ଦା। ବୁଦ୍ରା ଓ ଡମ୍ବୁ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ସର୍ଗିଗୁଡ଼ା ଗ୍ରାମରୁ ୬ଜଣ ଏକ ବୋଲେରୋ (ଓଡି୦୨ଡି ୮୯୪୪) ଯୋଗେ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିବା ଜଣେ ସମ୍ପର୍କୀୟଙ୍କୁ ଦେଖିବାକୁ ଯାଉଥିଲେ। ଏହି ସମୟରେ ଜୟପୁର-ମାଲକାନଗିରି ୩୨୬ ନଂ ଜାତୀୟ ରାଜପଥ ପାତ୍ରପୁଟ ପୋଲ ନିକଟ ଏକ ବୁଲାଣିରେ ବୋଲେରୋଟି ଭାରସମ୍ୟ ହରାଇ ୧୫ଫୁଟ ଖାଲ ଭିତରକୁ ଖସି ପଡିଥିଲା ।

■ କୋରାପୁଟ ଜିଲାରେ ପିଏମ୍‌ଇଜିପି ବାଟବଣା

# ୫ ବର୍ଷରେ ୧୩୨ ଜଣଙ୍କୁ ମିଳିଛି ଋଣ

■ଜିଲା ଶିଳ୍ପକେନ୍ଦ୍ର-ବ୍ୟାଙ୍କ ସମନ୍ୱୟ ଅଭାବ
■ବେକାରି ନିରାଶ

ଜୟପୁର,୨୧ା୧(ନି.ପ୍ର.)

ପ୍ରଧାନମନ୍ତ୍ରୀ ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ(ପିଏମ୍‌ଇଜିପି)ରେ ବିଭିନ୍ନ ଉଦ୍ୟୋଗ ପାଇଁ ଆବେଦନ ମଞ୍ଜୁର ପାଇବା ପରେ ବାକି କାମ ବ୍ୟାଙ୍କରେ ଅଟକି ଯାଉଛି। ବ୍ୟାଙ୍କଗୁଡ଼ିକ ବିନା ବନ୍ଧକରେ ଋଣ ଦେବାକୁ ସିଧାସଳଖ ମନାକରି ଦେଉଛନ୍ତି। ବେକାର ଯୁବତୀଯୁବକମାନେ ସ୍ୱାବଲମ୍ବନଶୀଳ ହେବା ଲକ୍ଷ୍ୟରେ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚେଷ୍ଟା କଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ସମନ୍ୱୟ ଅଭାବରୁ ସେମାନଙ୍କ ଆଶା ଆଶାରେ ରହିଯାଉଛି। ରୋଜଗାର ସୃଷ୍ଟି ନେଇ ପ୍ରଶାସନ ଦ୍ୱାରା ଗଠିତ କମିଟି ନିଷ୍ପତ୍ତି ନେବା ପରେ ଆବେଦନ ପାଇଁ ବିଜ୍ଞାପନ ପ୍ରକାଶପାଏ। ଏହା ପରେ ଇଚ୍ଛୁକ ଯୁବତୀ ଯୁବକ ଆବେଦନ କରିଥା'ନ୍ତି। ନିର୍ଦ୍ଧାରିତ ପ୍ରକଳ୍ପ ପାଇଁ ଆବେଦନ କଲା ପରେ ବି ବ୍ୟାଙ୍କ ଓ ଜିଲା ଶିଳ୍ପ କେନ୍ଦ୍ର ଭିତରେ ସମନ୍ୱୟ ରହୁ ନ ଥିବାରୁ ଋଣ ମିଳିପାରୁ ନାହିଁ ବୋଲି ଅଭିଯୋଗ ହୋଇଛି । ବିନା ବନ୍ଧକରେ ବ୍ୟାଙ୍କ ଋଣ ଦେବାକୁ ସିଧାସଳଖ ମନାକରି ଦେଉଛି। ୨୦୧୭-୧୮ ଏବଂ ୧୮-୧୯ ଆର୍ଥିକବର୍ଷ ପାଇଁ ବିଭିନ୍ନ ବ୍ୟାଙ୍କ ଶାଖାରେ ୩ ରୁ ୫ ଜଣ ହିତାଧିକାରୀଙ୍କୁ ଋଣ ପାଇବା ପାଇଁ ନିର୍ଦ୍ଦେଶ ରହିଥିବାବେଳେ ସେମାନଙ୍କୁ ଋଣ ପ୍ରଦାନ କରାଯାଉ ନ ଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଆବେଦନଗୁଡ଼ିକୁ ବ୍ୟାଙ୍କ ନାକଚ କରିବା ଉଚିତ ନୁହେଁ ବୋଲି ଜିଲାପାଳ ଓ ଆର୍‌ବିଆଇର ଭୁବନେଶ୍ୱର ସାଧାରଣ ପରିଚାଳକଙ୍କ ବୈଠକରେ ମତପ୍ରକାଶ ପାଇଥିଲା। ଏନେଇ ୪ ଅଗଷ୍ଟ,୨୦୧୮ରେ ବିଭିନ୍ନ ବ୍ୟାଙ୍କ ଶାଖାଗୁଡ଼ିକୁ ଚିଠି କରିଥିଲେ ଜିଲାପାଳ। କିନ୍ତୁ ଉକ୍ତ ଚିଠିକୁ ବେଖାତିର କରାଯାଇ ବହୁ ଆବେଦନକୁ ନାକଚ କରାଯାଇଛି। ଏହାକୁ ନେଇ ବ୍ୟାଙ୍କ ଓ ଶିଳ୍ପକେନ୍ଦ୍ର ଭିତରେ ଆରମ୍ଭ ହୋଇଛି ଆରୋପ ପ୍ରତ୍ୟାରୋପ । ଆବେଦନଗୁଡ଼ିକୁ ମଞ୍ଜୁର ଦେଇ ବ୍ୟାଙ୍କକୁ ପଠାଇବା ପୂର୍ବରୁ ତାହା କେତେ ଫଳପ୍ରଦ ହେବା ସେନେଇ ଯାଞ୍ଚ କରିବା ଆବଶ୍ୟକତା ରହିଛି ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜୟପୁର ଆଞ୍ଚଳିକ ଶାଖା ପରିଚାଳକ ବିଶ୍ୱରଞ୍ଜନ ଆଚାର୍ଯ୍ୟ କହିଛନ୍ତି। ୨୦୧୪-୧୫ ଆର୍ଥିକବର୍ଷଠାରୁ ୨୦୧୮-୧୯ ଆର୍ଥିକବର୍ଷ ମଧ୍ୟରେ ୬୭୪ ଜଣ ଋଣ ଲାଗି ଆବେଦନ କରିଥିବାବେଳେ ୧୪୨ଜଣଙ୍କର ନାମ ବିଭିନ୍ନ ବ୍ୟାଙ୍କକୁ ସୁପାରିସ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୩୨ ଜଣଙ୍କୁ ଋଣ ଯୋଗାଇ ଦିଆଯାଇଛି। ମୋଟ ୨ କୋଟି ୧୧ ଲକ୍ଷ ୯୮ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି । ଜିଲାରେ ବେକାର ସଂଖ୍ୟା ବଢ଼ିଚାଲିଥିବାବେଳେ ବ୍ୟାଙ୍କ ଏବଂ ଜିଲା ଶିଳ୍ପକେନ୍ଦ୍ରର ଏଭଳି ମନମୁଖି କାର୍ଯ୍ୟକୁ ସାଧାରଣରେ ଘୋର ବିରୋଧ କରାଯାଇଛି। ବ୍ୟାଙ୍କଗୁଡ଼ିକ କାହିଁକି ଋଣ ଦେବାକୁ ମନା କରୁଛନ୍ତି ସେ ନେଇ କିଛି ସ୍ପଷ୍ଟ କାରଣ ଲେଖୁ ନ ଥିବାରୁ ଏନେଇ ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇଥିବା ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଉଦୟଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

■ ଗାଙ୍ଗେଶ୍ୱରୀ ହାଇସ୍କୁଲ ବାର୍ଷିକ ଉତ୍ସବ

## 'ପାଠପଢ଼ା ସହ କ୍ରୀଡ଼ା , ସାଂସ୍କୃତିକ କାର୍ଯ୍ୟକ୍ରମ ଆବଶ୍ୟକ'

ପଟ୍ଟାଙ୍ଗି,୨୧ା୧ (ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହକୁମାସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ରାମକୃଷ୍ଣ ସାମଲଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ୨୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଛାତ୍ରୀଙ୍କ ଆଦିବାସୀ ଢେମସା ନାଚରେ ନିଜକୁ ସାମିଲ କରିଥିଲେ। ପାଠପଢ଼ା ସହିତ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟ ଅତିଥି ପାଙ୍ଗି ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ତହସିଲଦାର ଅରୁଣ କୁମାର ଖଣ୍ଡା, ଅତିରିକ୍ତ ବିଡିଓ ପଦ୍ମନାଭ ତ୍ରିପାଠୀ , ଜିଲା ପରିଷଦ ସଭ୍ୟ ଡୁମୁରୀ ଖିଲ , ଅଧ୍ୟାପକ ଜମ୍ବେଶ୍ୱର ସାହୁ , ମହାବିଦ୍ୟାଳୟର ପ୍ରତିଷ୍ଠାତା ରାମ ପ୍ରସାଦ ଚୌଧୁରୀ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ରବି ନାରାୟଣ ସୁତାର ଉପସ୍ଥିତ ଥିଲେ। କୃତୀ ଛାତ୍ର ସୁନୀଲ ଓ ଛାତ୍ରୀ ଲକ୍ଷ୍ମୀ ଖରାଙ୍କ ସହିତ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ ନାୟକ ସଭା ପରିଚାଳନା କରିଥିବାବେଳେ ବୈଲୋଚନ ରଣା , ଶେଷଦେବ ବାରିକ, ଖେଳ ଶିକ୍ଷକ ସୁକାନ୍ତ ଚନ୍ଦ୍ର , ସରୋଜ ରଞ୍ଜନ ଭୂୟାଁ , ସୁଧାଂଶୁ ଭୂଷଣ ଜେନା, ଅଧ୍ୟାପିକା ରାଜଶ୍ରୀ ବିଶ୍ୱାଳ , ମନୋଜ ଦାସ , ଅନୀଲ ଖିଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଡୁମ୍ବାଗୁଡ଼ା ଗ୍ରାମବାସୀ ।

■ ଡୁମ୍ବାଗୁଡ଼ାବାସୀଙ୍କୁ ମିଳୁନି ମୌଳିକ ସୁବିଧା

## ରାସ୍ତା, ପାନୀୟଜଳ ଯୋଗାଇବାକୁ ପ୍ରଶାସନର ଦ୍ୱାରସ୍ଥ

କୋରାପୁଟ,୨୧ା୧(ସ୍ୱ.ପ୍ର.)

କୋରାପୁଟ ଜିଲା ସଦର ବ୍ଲକ ଲିଙ୍ଗିଗୁଡା ପଞ୍ଚାୟତ ଡୁମ୍ବାଗୁଡା ଗ୍ରାମବାସୀ ବିଭିନ୍ନ ସମସ୍ୟା ନେଇ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମକୁ ରାସ୍ତା ନିର୍ମାଣ ଓ ପାନୀୟଜଳ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଗ୍ରାମବାସୀ ସୋମବାର ଜିଲାପଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ସମସ୍ୟା ସମାଧାନ କରିବାକୁ ଦାବିପତ୍ର ଦେଇଛନ୍ତି। ପ୍ରକାଶ ଯେ, ଦାମନଯୋଡି ନାଲ୍‌କୋ ନିକଟସ୍ଥ ଏହି ଗ୍ରାମରେ ପ୍ରାୟ ୫୦ ପରିବାରର ୨ଶହରୁ ଊର୍ଦ୍ଧ୍ୱ ବସବାସ କରନ୍ତି। କିନ୍ତୁ ଏଯାଏଁ ଗାଁକୁ ଭଲ ରାସ୍ତା ନାହିଁ। ଏଥିସହ ଗ୍ରାମବାସୀ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଆଦି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଝିଙ୍ଗିଗୁଡା ଗ୍ରାମରୁ ଡୁମ୍ବାଗୁଡା ଏବଂ ଡୁମ୍ବାଗୁଡାରୁ କଙ୍କଡାପୁଟ ଯାଏ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ଡମ୍ବାଗୁଡା ଗ୍ରାମର ରତନ ଗୌଡ, ଅର୍ଜୁନ ଗୌଡ, ଭକ୍ତ ଚାଲାଣ, ଦୁର୍ଗା ଗୌଡ, ଜଗନ୍ନାଥ ନାଏକ, ସେବତୀ ଗୌଡ, ରବି ଗୌଡ, କୌଶଲ୍ୟା ନାୟକ ଓ ପର୍ଶୁ ନାଏକଙ୍କ ସହ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

### ହୀରାଖଣ୍ଡ ଧକ୍କାରେ ଯୁବକ ମୃତ

କୋଟପାଡ,୨୧ା୧ (ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ ବ୍ଲକ ମୁନାର ଦେଲି ନୂଆଗାଁ ନିକଟ ଡଙ୍ଗରୀଗୁଡା ରେଳଲାଇନ୍‌ରେ ସୋମବାର ମଧ୍ୟାହ୍ନରେ ହୀରାଖଣ୍ଡ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜାମୁପୁଡା ଗ୍ରାମର ମତିରାମ ଭୂମିଆଁ। ପ୍ରକାଶ ଯେ, ମତିରାମ ପଞ୍ଚାୟତ କାର୍ଯ୍ୟାଳୟରୁ କିରୋସିନ୍ ନେଇ ରେଳ ଲାଇନ୍ ପାରି ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ଦୁର୍ଘଟଣା ଘଟିଛି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସ୍ଥାନୀୟ ଲୋକ ଓ ରେଳଧାରଣା ମରାମତି କରୁଥିବା ଶ୍ରମିକଙ୍କ ସହାୟତାରେ ମୃତଦେହକୁ ରେଳଧାରଣାରୁ ଉଠାଯାଇଛି। ଏହାକୁ ନେଇ ପୋଲିସ କିମ୍ବା ରେଳ ବିଭାଗ ନିକଟରେ କୌଣସି ଖବର ନ ଥିବାବେଳେ ମୃତଦେହକୁ ଉଠାଇବାକୁ ଠିକାଦାର କିଭଳି ନିର୍ଦ୍ଦେଶ ଦେଲେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଔଷଧ ଦୋକାନୀଙ୍କ ଆତ୍ମହତ୍ୟା

■ଚିଟଫଣ୍ଡ ଟଙ୍କା ଫେରସ୍ତ ନ ପାଇବା ମୃତ୍ୟୁର କାରଣ
■ଘର ମାଲିକ ଥାନାରେ ଅଟକ

ଜୟପୁର,୨୧ା୧(ଡି.ଏନ.ଏ/ନି.ପ୍ର.)

କୋରାପୁଟ ଜିଲା ଜୟପୁର ସହର ଜୟନଗର ଅଞ୍ଚଳରେ ଜଣେ ଔଷଧ ଦୋକାନ ମାଲିକ ଦୋକାନରେ ବେକରେ ଗାମୁଛା ଲଗାଇ ସୋମବାର ପୂର୍ବାହ୍ନ ୯ଟାରେ ଆତ୍ମହତ୍ୟା କରିଛନ୍ତି। ମୃତକ ଦୋକାନ ମାଲିକ ଜୟନଗର ଅଞ୍ଚଳର ସୁଜିତ ପଟ୍ଟନାୟକ(୪୭) ଓରଫ ବାପି। ମୃତଦେହ ନିକଟରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସେ ଦୋକାନ ଘର ଭଡ଼ାସୂତ୍ରରେ ନେଇଥିବାବେଳେ ଉକ୍ତ ଘର ମାଲିକ ବିଘ୍ନେଶ୍ୱର ଶତପଥୀଙ୍କ ନିକଟରେ ସ୍ଥାନୀୟ ବ୍ୟବସାୟୀମାନେ ଚିଟ୍ ଫଣ୍ଡରେ ବହୁ ପରିମାଣରେ ଅର୍ଥ ଜମା କରିଥିଲେ। ଏଥିରେ ସୁଜିତ ୧ଲକ୍ଷ ୨୦ ହଜାର ଟଙ୍କା ମଧ୍ୟ ଜମା କରିଥିଲେ। କିନ୍ତୁ ସୁଜିତ ଗତ କିଛିଦିନ ହେବ ବାରମ୍ବାର ଜମା ଟଙ୍କା ମାଗିବା ପରେ ମଧ୍ୟ ଘର ମାଲିକ ନ ଫେରାଇବାରୁ ସେ ଆତ୍ମହତ୍ୟା କରିଥିବା ସୁଇସାଇଡ଼ ନୋଟ୍‌ରେ ଉଲ୍ଲେଖ ରହିଛି ବୋଲି ପୋଲିସ ପ୍ରକାଶ କରିଛି। ଉକ୍ତ ଚିଠିକୁ ଆଧାର କରି ପୋଲିସ ଘର ମାଲିକଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ବଡ଼ ଭାଇ ସୁଜିତ ଆର୍ଥିକ ସମସ୍ୟା ନେଇ ଗତ କିଛିଦିନ ହେବ ମାନସିକସ୍ତରରେ ଚିନ୍ତାଗ୍ରସ୍ତ ରହୁଥିଲେ। ଦୋକାନ ଲାଇସେନ୍ସକୁ ନେଇ ମଧ୍ୟ ସମସ୍ୟା ଥିବା ଯୋଗୁ ସେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟକୁ ଯାଉଥିଲେ ବୋଲି ସାନଭାଇ ସଞ୍ଜିତ ପଟ୍ଟନାୟକ କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିବା ଥାନା ଅଧିକାରୀ କହିଛନ୍ତି।

## ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ ଉଦ୍‌ଘାଟିତ





ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଲକ୍ଷ୍ମୀପୁର, ୨୧ା୧

ଲକ୍ଷ୍ମୀପୁର ବ୍ଲକ ଗୌଡଗୁଡାସ୍ଥିତ ଆଦର୍ଶ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରୀ ନିବାସକୁ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଉଦ୍‌ଘାଟନ କରିଛନ୍ତି। ସ୍କୁଲ ଅଧ୍ୟକ୍ଷା ଶୁବଶ୍ରୀ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବିଧାୟକ କୁଲେସିକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭୁଜାନି, ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା, ବିଇଓ ବିକାଶ ଚନ୍ଦ୍ର ସରକାର, ଏବିଇଓ ଦୈତାରୀ ଦାସ, ସରପଞ୍ଚ ଡମ୍ବରୁଧର ମୁଦୁଲି ଏବଂ ବନ୍ଧୁଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ମିଶ୍ର ଯୋଗ ଦେଇଥିଲେ। ପ୍ରଥମ ଦିନରେ ୮୫ଜଣ ଛାତ୍ରୀ ହଷ୍ଟେଲରେ ରହିଛନ୍ତି। ପ୍ରକାଶ ଯେ, ଆଦର୍ଶ ବିଦ୍ୟାଳୟଟି ୨୦୧୬ରେ ଉଦ୍‌ଘାଟିତ ହୋଇଥିଲା। ଏଠାରେ ୩୪୧ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କାର୍ଯ୍ୟକ୍ରମକୁ ଶିକ୍ଷକ ଅବିନାଶ ନାୟକ, ଟୁନା ମୁଦୁଲି, ମଦନାବତୀ କଅଁର, ଦେବାଶିଷ ପଲେଇ, ବୃନ୍ଦାବନ ବେହେରା ଓ ଜ୍ୟୋତି ପ୍ରକାଶ ଦାସ ପରିଚାଳନା କରିଥିଲେ।

### ଛାତ୍ର ବିଜେଡିର ଦସ୍ତଖତ ଅଭିଯାନ

ଜୟପୁର,୨୧ା୧(ନି.ପ୍ର)

ସ୍ଥାନୀୟ ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଫାଟକ ନିକଟରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ସରକାରଙ୍କ ଅବହେଳା ପ୍ରତିବାଦରେ ଛାତ୍ର ବିଜେଡି ତରଫରୁ ଏକ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଫର୍ମରେ ଛାତ୍ରୀଛାତ୍ରଙ୍କ ବିବରଣୀ ସହ ଦସ୍ତଖତ ନିଆଯାଇ ତାହା ରାଜ୍ୟପାଳଙ୍କୁ ପଠାଯିବ ବୋଲି ଦଳ ସୂତ୍ରରୁ ପ୍ରକାଶ। ଉକ୍ତ ଅଭିଯାନରେ ଧର୍ମେନ୍ଦ୍ର ଅଧିକାରୀ, ବାପି ପରିଡ଼ା, ଶିବରାଜ କନ୍ଧପାନ ସାମିଲ ଥିଲେ।

## ବନ୍ଧୁଗାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ବନ୍ଧୁଗାଁ, ୨୧ା୧(ଡି.ଏନ୍.ଏ.)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଅନୁଷ୍ଠିତ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ୧୯ ବ୍ୟକ୍ତିଗତ ଓ ୩୧ ସାମୂହିକ ମୋଟ ୫୦ଟି ଅଭିଯୋଗର ଶୁଣାଣି କରିଛନ୍ତି। ବ୍ୟକ୍ତିଗତ ଅଭିଯୋଗରେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ମାଧ୍ୟମରେ ବିପିଏଲ ପରିବାରଙ୍କୁ ଘର ଯୋଗାଇବାକୁ ଦାବି ହୋଇଥିଲା। ସାମୂହିକ ଅଭିଯୋଗରେ ଆଦର୍ଶ ବିଦ୍ୟାଳୟରେ ଆବାସ ଗୃହ, ୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସଂପୂର୍ଣ୍ଣ ଋଣଛାଡ, ୨ଜଣ ଶିକ୍ଷିତ ବେକାରି ଛାତ୍ରୀଙ୍କୁ ସରକାରୀ ଚାକିରି, କୁମ୍ଭାରୀପୁଟ ପିଏଚ୍‌ସିରେ ଆମ୍ବୁଲାନ୍ସ ଯୋଗାଇଦେବାକୁ ଦାବି ହୋଇଛି। ଏଥିରେ ବନ୍ଧୁଗାଁ ବିଡିଓ, ଏସ୍‌ପି କନଓ୍ୱର ବିଶାଲ ସିଂଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଦାମନଯୋଡ଼ି,୨୧ା୧(ସ୍ୱ.ପ୍ର.)

ଦାମନଯୋଡ଼ି ନାଲ୍‌କୋ ଟାଉନ୍‌ସିପ୍‌ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ନାଲ୍‌କୋ ଅର୍ଥ ବିଭାଗର ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ ଅତିଥି ପରିଚୟ ଓ ସମ୍ପାଦକ ଅଶୋକ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ରୂପେ କୋରାପୁଟ ଡିଏଭି ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଦ୍ୟାମନ୍ଦିର ସଭାପତି ରବିଶଙ୍କର ଦାସ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନାଲ୍‌କୋ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ଯୋଶୀ, ରାଜୀବ ମିଶ୍ର, ପ୍ରଶାନ୍ତ କୁମାର ଷଡଙ୍ଗୀ, ଭୀମସେନ ପ୍ରଧାନ, ସୁଶୀଲ ପାଢ଼ୀ, ଅରୁଣ ଦାସ, ମହମ୍ମଦ ଫରିଦ, ରାମଚନ୍ଦ୍ର ତ୍ରିପାଠୀ, ନିରାପତ୍ତା ପରାମର୍ଶଦାତା ରାକେଶ ଶର୍ମା, ଡିପିଏସ୍‌ର ଅଧ୍ୟକ୍ଷା ଦ୍ୱୀପାନ୍ୱିତା ଦାସ ଓ ଏସ୍‌ବିଆଇର ମୁଖ୍ୟ ପରିଚାଳକ ମହେଶ ଉପାଧ୍ୟାୟ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଖପତ୍ର 'ଜ୍ୟୋତିରେଖା' ଉନ୍ମୋଚନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଶୋକ ମହାନ୍ତି ଓ ରାଜଲକ୍ଷ୍ମୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ସୁଷମା ମହାନ୍ତି ଧନ୍ୟବାଦ ଦେଇଥିଲେ।



ନାଲ୍‌କୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ସାମିଲ ହୋଇଥିବା ଅତିଥିମାନେ ।

# ସରିଲା ଦୁରୁଆ ଆଦିବାସୀଙ୍କ ପୁଷ୍ ପରବ



ଦୁରୁଆ ସମ୍ପ୍ରଦାୟ ପାରମ୍ପରିକ ବେଶଭୂଷାରେ ନୃତ୍ୟ ପରିବେଷଣ କରୁଛନ୍ତି ।



ଗାଁ ଗାଁ ବୁଲି ପୁଷପୁନେଇ ପାଳନ କରୁଛନ୍ତି କୋଟପାଡ଼ ଅଞ୍ଚଳର ଆଦିବାସୀ ଲୋକେ ।

■ଚରଚେରା ମାଗିଲେ ଦୁରୁଆ ସମ୍ପ୍ରଦାୟ
■ସବୁଠି ନାଚଗୀତ, ଭୋଜିଭାତର ଆସର

ବୈପାରୀଗୁଡା/କୋଟପାଡ଼(ଚାନ୍ଦିଲି) ୨୧ା୧(ଡି.ଏନ୍.ଏ)

ଧାନ ଅମଳ ପରେ ଚାଷୀ ଟିକେ ହସଖୁସିରେ ନିଜକୁ ସାମିଲ କରିବାକୁ ଚାହେଁ। ଏଥିପାଇଁ ଆଦିବାସୀ ସମ୍ପ୍ରଦାୟର ଚାଷୀମାନେ ହସଖୁସିର ପର୍ବ 'ପୁଷ୍ ପୁନେଇ' ପାଳନ କରିଥାନ୍ତି। ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତ ଅଧୀନ ଶିରିବେଡା ଗ୍ରାମର ଦୁରୁଆ ଜନଜାତିଙ୍କ 'ପୁଷ୍ ପରବ' ସୋମବାର ଉଦ୍‌ଯାପିତ ହୋଇଛି। ବୁଧବାରରୁ ଏହି ପରବ ଆରମ୍ଭ ହୋଇଥଲା। ପରମ୍ପରା ଅନୁସାରେ ଗୋରୁ ଗାଈଙ୍କୁ ଧାନ, ମାଣ୍ଡିଆ ଖାଇବାକୁ ଦେଇ ପୂଜା କରାଯାଇଥିଲା। ସେମାନେ ଖାଇବା ପରେ ବଳକା ଖାଦ୍ୟକୁ ପ୍ରସାଦ ଭାବେ ଘରେ ଘରେ ବାଣ୍ଟି ଖାଇଥିଲେ। ଏହାକୁ ସ୍ଥାନୀୟ ଭାଷାରେ ଚେରଚେରା କୁହାଯାଏ। ଚଳିତବର୍ଷ ଏହି ଗ୍ରାମରୁ ୨୧ ଜଣ ଦୁରୁଆ କଳାକାରଙ୍କୁ କଳାକାର ଭତ୍ତା ମିଳିଛି। ସେହିପରି କୋଟପାଡ଼ ସହରରେ ଚାଷୀମାନେ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଗଣନାଚ 'ନକ୍‌ଟା ନାଚ'ରେ ନିଜକୁ ସାମିଲ କରିଥିଲେ। ଗୁମଣ୍ଡଲି ଗ୍ରାମରୁ ବାହାରିଥିବା ଏହି ନାଚରେ ପ୍ରାୟ ୭୦ରୁ ୮୦ ଜଣ ସାମିଲ ହୋଇ ୩ ଦିନ ଧରି ବିଭିନ୍ନ ଗ୍ରାମ ବୁଲି ନାଚ ସହିତ ଗୀତ ଗାଇଥିଲେ। ଗାଁ ଗାଁରେ ବୁଲି ଖୁସିରେ ପାଇଥିବା ଟଙ୍କା ଚାଉଳ ଧାନ ନେଇ ଭୋଜିଭାତ କରିବା ସହ ଆନନ୍ଦ ଉଲ୍ଲାସରେ ପୁଷ୍ ପୁନେଇ ପାଳନ କରିଥିଲେ। ଗୁମଣ୍ଡଲି ଗ୍ରାମର ଧନପତି ରନ୍ଧାରୀ, ଚୈତନ୍ୟ ନାୟକ, ମନୋହର ପୂଜାରୀ, ଗଣପତି ଭତରା, ମଙ୍ଗଳସାୟ ପୂଜାରୀ ପ୍ରମୁଖ ଏହି ନିଆରା ପରମ୍ପରାକୁ ଆଧୁନିକତାର କବଳରୁ ବଞ୍ଚେଇ ରଖିବାକୁ ପଡିବ ବୋଲି ମତପ୍ରକାଶ କରିଛନ୍ତି।

# କନିଆକୁପା ଗ୍ରାମକୁ ନାହିଁ ରାସ୍ତା

**ଚନ୍ଦ୍ରପୁର, ୨୧।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ଦୁଇ କି.ମି. ଦୂରରେ ରହିଛି ଏକ ଛୋଟିଆ ଗ୍ରାମ କନିଆକୁପା । ଏଠାରେ ରୁହନ୍ତି ମାତ୍ର ୪ ଆଦିବାସୀ ପରିବାର। ସମସ୍ତେ କୁଲି ମଜୁରି, ଚାଷ କରି ପେଟ ପୋଷିଥାନ୍ତି । ଚନ୍ଦ୍ରପୁର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଠାରୁ ମାତ୍ର ୧୦୦ ମିଟର ଦୂରରେ ରହିଛି ଏହି ଗ୍ରାମ। ହେଲେ ଗ୍ରାମକୁ ଖଣ୍ଡିଏ ରାସ୍ତା ନାହିଁ । ଫଳରେ ଲୋକେ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏ ନେଇ ବାରମ୍ବାର ସରପଞ୍ଚଙ୍କୁ ଗୁହାରି କରି ନୟାନ୍ତ ହେଲୁଣ୍ଣି କିନ୍ତୁ ଆମ ଗ୍ରାମକୁ ରାସ୍ତାଟିଏ ନିର୍ମାଣ ହୋଇପାରିଲା ନାହିଁ। ଗ୍ରାମକୁ ରାସ୍ତା ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ତିନି ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଗଲା । ୮ ମାସ ପୂର୍ବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ନାମକୁ ମାତ୍ର ଗୋଟିଏ ଦିନ ଜେସିପି ମେଶିନ୍ ଦ୍ୱାରା ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଖୋଳି ଅଧାପନ୍ତରିଆ ଅବସ୍ଥାରେ ଛାଡି ଦିଆଗଲା। ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କରାଗଲା ନାହିଁ ବୋଲି ଗ୍ରାମର ଦାସରଥୀ କାର୍ଜୀ, ଜିନ ଗଗେରେଙ୍ଗା, ଲାମ୍ବା କୁଟ୍ରୁକା, ପୁଣ୍ଟୁରୁ ଗଗେରେଙ୍ଗା ଅଭିଯୋଗ କରିଛନ୍ତି। ଏଠାରେ କେବଳ ସୂଚନା ଫଳକ ପଞ୍ଚାୟତ ତରଫରୁ ଲଗାଯାଇଛି । ହେଲେ ଉକ୍ତ ଫଳକରେ କାର୍ଯ୍ୟ ଆରମ୍ଭ ତାରିଖ ଓ ଶେଷ ତାରିଖ ନାହିଁ । କାର୍ଯ୍ୟନିର୍ବାହୀ ସଂସ୍ଥା ଗ୍ରାମ ପଞ୍ଚାୟତ ଲେଖାଯାଇଥିବା ସୂଚନା ଫଳକରେ ଦେଖିବାକୁ ମିଳିଛି। ଏ ନେଇ ହନୁମନ୍ତପୁର ସରପଞ୍ଚ କାଉମୁନୀଙ୍କୁ ପଚାରିବାରୁ, ରାସ୍ତା ସମ୍ପର୍କରେ କୌଣସି ବିଲ୍ କରାଯାଇନାହିଁ ବୋଲି କହିଛନ୍ତି। ତୁରନ୍ତ ଗ୍ରାମକୁ ରାସ୍ତା ନିର୍ମାଣ ନେଇ ଗ୍ରାମବାସୀ ଦାବି କରିଛନ୍ତି ।



ଗ୍ରାମରେ ଲଗାଯାଇଥିବା ନାମ ଫଳକ ।

## ଗୋଷ୍ଠୀ ସଂଘର୍ଷ ଘଟଣାରେ ୯ ଗିରଫ

**ରାୟଗଡା ଅଫିସ୍, ୨୧।୧**

ରାୟଗଡା ଜିଲା ଚାନ୍ଦିଲି ଥାନା ଅଞ୍ଚଳରେ ଗତ ୧୭ ତାରିଖରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଅରବିନ୍ଦନଗରର କୃଷ୍ଣ ବାଘ, ଡି.ପ୍ରଦୀପ କୁମାର, ସୁରତ କାଣ୍ଡ, କୋଟା ରାଜେଶ, ଏମ୍.ଅନିଲ କୁମାର ଓ ସନି ବାଘ, କଳାହାଣ୍ଡିପଡାର ବସନ୍ତ ତାଣ୍ଡି, ଭାବାନୀ ତାଣ୍ଡି, ସୀତାରାମ ତାଣ୍ଡି। ଚାନ୍ଦିଲି ଥାନାର କେଶ୍ ନମ୍ବର ୧୫/୧୯ ଓ ୧୬/୧୯ରେ ସେମାନଙ୍କୁ ଗିରଫ କରାଯାଇଥିବା ଡିଏସ୍‌ପି ସତ୍ୟବିକାଶ ଭୂୟାଁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ମଧ୍ୟ ତଦନ୍ତ ଜାରି ରହିଥିବାରୁ ଗିରଫ ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ, ଗତ ୧୬ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ ଆରମ୍ଭ ହୋଇ ପ୍ରଥମେ ବଚସା ଓ ପରେ ମାରପିଟ ହୋଇଥିଲା । ୧୭ତାରିଖରେ ଏହା ଉଗ୍ରରୂପ ଧାରଣ କରିଥିଲା। ଖୋଲାଖୋଲି ଭାବେ ୨ଗୋଷ୍ଠୀ ମଧ୍ୟରେ ମାରପିଟ ଓ ବ୍ୟାପକ ଭଙ୍ଗାରୁଜା ହୋଇଥିଲା ।

## ସଂକ୍ଷେପରେ



### ନେତାଜୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଗୁଣପୁର,୨୧।୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଚିନାସାରି ପଞ୍ଚାୟତ ନେତାଜୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଖେଳ ଶିକ୍ଷକ ଘନଶ୍ୟାମ ବେହେରାଙ୍କ ସଂଯୋଜନାକ୍ରମେ ଏହା ଆୟୋଜିତ ହୋଇଛି । ପ୍ରଧାନ ଶିକ୍ଷକ ଇନ୍ଦିରା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ଗ୍ରାମ ଦେବୀ ମନ୍ଦିରରୁ ମଶାଲ ଅଣାଯିବା ପରେ ଆନୁଷ୍ଠାନିକ ଭାବେ ଖେଳ ଆରମ୍ଭ ହୋଇଥିଲା । ଏହା ଦୁଇ ଦିନ ଧରି ଚାଲିବ ।

### ୭୩ ଅଭିଯୋଗ ଶୁଣିଲେ ଜିଲାପାଳ

**ବିଷମକଟକ,୨୧।୧(ଡ଼ି.ଏନ.ଏ):** ରାୟଗଡା ଜିଲା ବିଷମକଟକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୁହା ପୁନମ୍ ତାପସ କୁମାର ଯୋଗ ଦେଇ ୭୩ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୬୦ଟି ବ୍ୟକ୍ତିଗତ ଏବଂ ୧୩ ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା,ଆବସଗୃହ ପ୍ରଦାନ ଭଳି ଅଭିଯୋଗକାରୀଙ୍କ ସଂଖ୍ୟା ଅଧିକ ରହିଥିଲା । ୧୧ଜଣ ଙ୍କୁ ଜିଲା ପ୍ରଶାସନ ତରଫରୁ ୫ ହଜାର ଲେଖାଏଁ ଟଙ୍କା ସହାୟତା ରାଶି ଏବଂ ଜଣକୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ରାୟଗଡା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରତୁରାଜ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବ ପ୍ରସାଦ ପାଢୀ, ମୁନିଗୁଡା ଏସ୍.ଡି.ପି.ଓ. ଚନ୍ଦ୍ରଶେଖର ହୋତାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ମହିଳାଙ୍କୁ ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ



**କୋଟପାଡ,୨୧।୧ (ଡି.ଏନ୍.ଏ.):** କୋରାପୁଟ ଜିଲା କୋଟପାଡ଼ ବାସୁଗୁଡ଼ା ଅଞ୍ଚଳରେ ୧୧ ତାରିଖ ଚୋରି ଘଟଣାକୁ ନେଇ ଜଣେ ମହିଳାଙ୍କୁ ଥାନାରେ ଥାର୍ଡ ଡିଗ୍ରୀ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଘଟଣାରେ ପୋଲିସ ୪ ଜଣ ମହିଳାଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିଥିଲା। ଏହାପରେ ଏମାନଙ୍କ ମଧ୍ୟରୁ ଲକ୍ଷ୍ମୀପ୍ରିୟା ପଣ୍ଡାଙ୍କୁ ମାଡ଼ ମାରଯାଇଥିବା ତାଙ୍କ ସ୍ୱାମୀ ସନ୍ତୋଷ ଜେନା କୋରାପୁଟ ଏସ୍‌ପି ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କୁ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହାର ନିରପେକ୍ଷ ତଦନ୍ତ କରା ନ ଗଲେ ଆତ୍ମହତ୍ୟା କରିବା ନେଇ ସେ ଚେତାବନୀ ଦେଇଛନ୍ତି। ଏହାକୁ ନେଇ କୋଟପାଡ ଥାନା ଅଧିକାରୀ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ମହିଳା ଜଣଙ୍କ ମୋ ବିରୋଧରେ ଯେଉଁ ଅଭିଯୋଗ ଆଣିଛନ୍ତି , ବର୍ତ୍ତମାନ ତାହାର ତଦନ୍ତ ଚାଲିଛି। ପରବର୍ତ୍ତୀ ସମୟରେ ସତ କ'ଣ ଜଣାପଡିବ ବୋଲି କହିଛନ୍ତି। ଉକ୍ତ ଘଟଣାକୁ ନେଇ ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ଆଡସିନାଲ ଏସ୍‌ପି ଜଗନ୍ନାଥ ରାଓ ସୋମବାର କୋଟପାଡ ଥାନାକୁ ଆସି ତଦନ୍ତ କରୁଥିବା ଜଣାପଡିଛି। ମହିଳାଙ୍କୁ ମାଡ଼ ମରାଯାଇଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

## ଡମ୍ବସରା ଯୁକ୍ତ ୨ କଲେଜର ବାର୍ଷିକ କ୍ରୀଡ଼ା



ଟାଙ୍ଗି ମା'ଙ୍କ ନିକଟରୁ ମଶାଲ ଅଣାଯାଉଛି ।

**ଗୁଣପୁର,୨୧।୧(ଡି.ଏନ.ଏ)**

ଗୁଣପୁର ବ୍ଲକ ଡମ୍ବସରା ଯୁକ୍ତ ୨ କଲେଜର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ବିଦ୍ୟାଧର ନାହାକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଟାଙ୍ଗି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି କଲେଜରେ ପହଞ୍ଚିଥିଲେ । ସେଠାରେ କ୍ରୀଡା ମଶାଲକୁ ସ୍ଥାପନ କରାଯିବା ସହ ପତାକା ଉତ୍ତୋଳନ କରାଯାଇଥିଲା । କ୍ରୀଡା ଶିକ୍ଷକ ଭାସ୍କର ସାମନ୍ତରା, ଡ.ପ୍ରଶାନ୍ତ ହୋତା, ସନ୍ତୋଷ ହୋତା, ରାମ ପ୍ରସାଦ ରାଓ, ଶେଷସାୟୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା । କ୍ରିକେଟ, ଭଲିବଲ, ଦୌଡ, ଡିସକସ ଥ୍ରୋ, ପୁଟିଂ ଦ ସଟ, ଜାଭେଲିନ ଥ୍ରୋ, ଧୀର ସାଇକେଲ ଚାଳନା, ମ୍ୟୁଜିକାଲ ଚେୟାର, ଦୌଡି ଡିଆଁ, ଝୋଟି, ସଙ୍ଗୀତ, ନୃତ୍ୟ, ବକ୍ତୃତା, ପ୍ରବନ୍ଧ ଏବଂ ଏକକ ଅଭିନୟ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଛି। ୨୪ ତାରିଖ ଯାଏ କ୍ରୀଡା ଉତ୍ସବ ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୫ ତାରିଖରେ ଆୟୋଜିତ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ।

## ନିର୍ମାଣ ଶ୍ରମିକ ସେବା ଶିବିର

**ବିଷମ କଟକ,୨୧।୧(ଡ଼ି.ଏନ.ଏ)**

ରାୟଗଡା ଜିଲା ବିଷମକଟକ ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ମାଣ ଶ୍ରମିକ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଜଗନ୍ନାଥ ସାରକା ମୁଖ୍ୟ ଅତିଥି,ଜିଲାପାଳ ଗୁହା ପୁନମ ତାପସ କୁମାର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା, ଜିଲା ଶ୍ରମ ଅଧିକାରୀ ପ୍ରଦୀପ କୁମାର ଭୋଇ, ଅତିରିକ୍ତ ଶ୍ରମ କମିଶନର ପ୍ରଶାନ୍ତ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ବିଜୟ ଶାନ୍ତି କୁମୁରିକା, ରାଜ୍ୟ ଖଦିବୋର୍ଡ ସଦସ୍ୟ ପୃଥ୍ୱୀରାଜ ସାହୁ, ବ୍ଲକ ଉପାଧ୍ୟକ୍ଷ ରମେଶ ପାଲକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିର୍ମାଣ ଶ୍ରମିକମାନଙ୍କ ନିମନ୍ତେ ରାଜ୍ୟସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅତିରିକ୍ତ ଶ୍ରମ କମିଶନର ଅବଗତ କରିଥିଲେ। ଚଳିତ ବର୍ଷ ନିର୍ମାଣ ଶ୍ରମିକମାନଙ୍କୁ ଦିଆଯାଇଥିବା ଆର୍ଥୀକ ସହାୟତା ସଂକ୍ରାନ୍ତରେ ଘୋଷଣା କରିବା ସହ ଉକ୍ତ ଟଙ୍କା ସଂପୃକ୍ତ ନିର୍ମାଣ ଶ୍ରମିକମାନଙ୍କ ବ୍ୟାଙ୍କ ଖାତାରେ ଜମା ହେବ ବୋଲି ସୂଚନା ଦେଇଥିଲେ । ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲବର୍ଟ ଲାକଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଶିବିରରେ ୧୦୬୨ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକରଣ କରିଛନ୍ତି ।

## ସିଆରପିଏଫ ତରଫରୁ ବିଭିନ୍ନ ସାମଗ୍ରୀ ବଣ୍ଟନ



ଜଣେ ଛାତ୍ରୀଙ୍କୁ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି ।

**ଚନ୍ଦ୍ରପୁର,୨୧।୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡ଼ାଙ୍ଗସୋରଡ଼ା ସଦର ମହକୁମାରେ ଥିବା ସିଆରପିଏଫ ଅଷ୍ଟମ ବାଟାଲିୟନ କ୍ୟାମ୍ପ ପରିସରରେ ସୋମବାର ବିଭିନ୍ନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଆରପିଏଫ ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ନରେନ୍ଦ୍ର କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଆରପିଏଫଙ୍କ ସହ ଉତ୍ତମ ସମ୍ପର୍କ ରଖିବା ସହ ସହଯୋଗର ହାତ ବଢାଇଲେ ନିଶ୍ଚିତ ରୂପେ ଅଞ୍ଚଳବାସୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରାଯିବ ବୋଲି କହିଥିଲେ । କମାଣ୍ଡାଣ୍ଟ ବି. ମେହେର, ସହକାରୀ କମାଣ୍ଡାଣ୍ଟ ଅବିନାଶ କୁମାର, ଏଏସଆଇ ପି.ଏନ. ସ୍ୱାଇଁ, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ଶିକ୍ଷକ ସୁଶାନ୍ତ କୁମାର ଜେନା, ସଙ୍ଗୀତାନନ୍ଦ ପ୍ରଧାନ, ଲୋକନାଥ ସାହୁ, ପୁଷ୍ପଲତା ପାତ୍ର, ନିରଞ୍ଜ ପ୍ରଧାନ, ଡ଼ାଙ୍ଗସୋରଡ଼ା ସରପଞ୍ଚ ଧାନୁମାଝି କୁମୁରୁକା ସମ୍ମାନିତ ଅତିଥି, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତା ପ୍ରଧାନ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ାଙ୍ଗସୋରଡ଼ା, ପିସ୍କାପଙ୍ଗା, ଝୁରୀଗୁଡ଼ା ତିନୋଟି ପଞ୍ଚାୟତରୁ ୨୦୦ରୁ ଉର୍ଦ୍ଧ୍ୱ ଗରିବ ବୃଦ୍ଧାବୃଦ୍ଧ, ମହିଳା ଯୋଗ ଦେଇଥିଲେ । ଏଥିରେ ୭୭୧ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ସେହିପରି ଗରିବ ପୁରୁଷ ମହିଳାଙ୍କୁ ଧୋତି, ଲୁଙ୍ଗି, ଶାଢି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧିକାଂଶ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଏଥିରେ ଚକ୍ଷୁ ଡ଼ାକ୍ତର ସୌଦାମିନୀ ପଣ୍ଡା ଯୋଗ ଦେଇ ୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।

## ସିଆରପିଏଫ୍‌ର ଜନସମ୍ପର୍କ ଶିବିର

**ରାୟଗଡା ଅଫିସ୍, ୨୧।୧**

ରାୟଗଡାସ୍ଥିତ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ ପକ୍ଷରୁ ଏକ ଜନସମ୍ପର୍କ ଶିବିର କଲ୍ୟାଣସିଂହପୁର ଥାନା ଅଧୀନ ଢ଼ାମଣୀପଙ୍ଗା ପଞ୍ଚାୟତର ମାଓବାଦୀ ଅଧ୍ୟୁଷିତ ଇନ୍ତିଲିଗୁଡା ଗ୍ରାମରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଲୋକଙ୍କ ମନରୁ ପୋଲିସ ଓ ସୁରକ୍ଷାକର୍ମୀମାନଙ୍କ ଉପରେ ଥିବା ଭୟ ଦୂର କରିବା ଓ ସୁରକ୍ଷାକର୍ମୀମାନଙ୍କ ସହ ସୁମ୍ପର୍କ ରଖିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହା ଦ୍ୱାରା ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ଶିବିରରେ ଉପସ୍ଥିତ ସିଆର୍‌ପିଏଫ୍‌ର ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ସୁଶୀଲ କୁମାର ଠାକୁର ପ୍ରକାଶ କରିଥିଲେ। ଏହି ଅବସରରେ ଗ୍ରାମର ମହିଳାମାନଙ୍କୁ ଶାଢ଼ି ଓ ୧୮ଟି ଗ୍ରାମର ଗରିବ ପରିବାରକୁ ପାଣି ଟାଙ୍କି ବଣ୍ଟନ କରାଯାଇଥିଲା । ଶିବିରରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୁରୁଚରଣ ସ୍ୱାଇଁ, କଲ୍ୟାଣସିଂହପୁର ସରପଞ୍ଚ କୁମାରୀ ସୁମିତ୍ରା ୱାଡକା, ଢ଼ାମଣୀପଙ୍ଗା ସରପଞ୍ଚ ରଘୁନାଥ କାଡ୍ରାକା, ଫରେଷ୍ଟର ନରେଶ କୁମାର ପଟ୍ଟନାୟକ, କଲ୍ୟାଣସିଂହପୁର ଥାନାଧିକାରୀ କେ.ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




ଗ୍ରାମବାସୀଙ୍କୁ ପାଣି ଟାଙ୍କି ପ୍ରଦାନ କରାଯାଉଛି ।

## ଆମ ଗାଁ ଆମ ବିକାଶ ପ୍ରସ୍ତୁତି ବୈଠକ

**ଗୁଣପୁର,୨୧।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ମଙ୍ଗଳବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆୟୋଜନ ହେବ । ଏଥିଲାଗି ସୋମବାର ବ୍ଲକ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଡିଓ ଗାୟତ୍ରୀ ଦେବୀଙ୍କ ସମେତ ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଯାନୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଞ୍ଚାସୀନ ଥିଲେ । ବ୍ଲକର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କିପରି ପାଳନ କରାଯିବ, ସେନେଇ ଆଲୋଚନା କରିଥିଲେ ।

## କ୍ଲିନ, ଗ୍ରୀନ୍ କୋର୍ଟ ଉଦ୍‌ଘାଟିତ




କ୍ଲିନ ଏବଂ ଗ୍ରୀନ କୋର୍ଟ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଜଜ୍,ଓକିଲ ଏବଂ କର୍ମଚାରୀ ।

**ଗୁଣପୁର,୨୧।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କୋର୍ଟ ପରିସରରେ କ୍ଲିନ ଏବଂ ଗ୍ରିନ କୋର୍ଟ ପ୍ରକଳ୍ପ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ. ଝାବେରି ଭିଡିଓ କନ୍‌ଫ୍ରେନେସିଂ ଜରିଆରେ ତାହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୁଣପୁରଠାରେ ସବଜଜ୍ ସତ୍ୟ ନାରାୟଣ କର, ଏସଡିଜେଏମ ବିଭୁଦତ୍ତ ନାୟକ, ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ସମ୍ପାଦକ ବିଷ୍ଣୁ ପାଢୀଙ୍କ ସମେତ ଅନ୍ୟ ଓକିଲ ଏବଂ କୋର୍ଟର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

**ରାୟଗଡା ଅଫିସ୍, ୨୧।୧**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିସିଡି ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏଥିପୂର୍ବରୁ ପ୍ରତ୍ୟେକ ବ୍ଲକ୍‌ସ୍ତରରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସଙ୍ଗୀତ, ଇଂଲିଶ, ଓଡ଼ିଆ ଓ ହିନ୍ଦୀରେ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ସାଧାରଣତନ୍ତ ଦିବସରେ ପୁରସ୍କୃତ କରାଯିବ।



ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ଛାତ୍ରୀ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ

**ରାୟଗଡା ଅଫିସ୍, ୨୧।୧**

ରାୟଗଡା ଅଗ୍ନିଶମ ବିଭାଗ ପକ୍ଷରୁ ସୋମବାର ସ୍ଥାନୀୟ ଜିସିଡି ପଡିଆଠାରେ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଛି । ଜିସିଡି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଓ ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଓ ସେଥିରୁ କିଭଳି ସୁରକ୍ଷା ପାଇବା ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ଦୁର୍ଘଟଣାରେ ଆହତଙ୍କୁ ଉଚ୍ଚ କୋଠା ଗୁଡିକରୁ କିଭଳି ରକ୍ଷା କରିବା ସହ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ନେଇ ଦଉଡି ଓ ଶିଡି ମାଧ୍ୟମରେ କୌଶଳ ପ୍ରଦର୍ଶନ କରାଯାଇଥିଲା । ସେହିଭଳି ଗ୍ୟାସ ସିଲିଣ୍ଡର ଦୁର୍ଘଟଣା ଘଟି ନିଆଁ ଲାଗିଲେ ଲିଭାଇବା ସମ୍ପର୍କରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଜିଲା ଅଗ୍ନିଶମ ଅଧିକାରୀ କବିନ୍ଦ୍ର ସୁନାନୀ, ହାବିଲଦାର ପୀତାମ୍ବର ସାହୁ, ରମାକାନ୍ତ ବେହେରା ଏବଂ ସନ୍ଦୀପ ବେହେରା ପରିଚାଳନା କରିଥିଲେ ।



ନିଆଁଲିଭା ନେଇ କୌଶଳ ପ୍ରଦର୍ଶନ କରାଯାଉଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଜାନୁୟାରୀ ୨୨/୨୦୧୯ Rayagada, Tuesday, January 22 / 2019

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

ଚିତ୍ରକୋଣ୍ଡା,୨୧।୧: ଚିତ୍ରକୋଣ୍ଡା ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ଟି.ପଦ୍ମନାଭ ଦୋରା ଏବଂ ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ପଞ୍ଚାୟତର ୧୫ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଥାନା ଅଧିକାରୀ ମାଧବ ବେହେରା, ଆଇନଜୀବୀ ଦିଲୀପ କୁମାର ମିଶ୍ର, ସମାଜସେବୀ ଦେବେନ୍ଦ୍ର ଦାସ, କ୍ଷୀରୋଦ ବେହେରା, ବନପାଳ ମୃତ୍ୟୁଞ୍ଜୟ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୨୬ରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଯେପରି ଶୃଙ୍ଖଳାର ସହ ଏହି ଦିବସ ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ଅଧିକାରୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟାଯାଇଥିଲା। ବିଦ୍ୟାଳୟଗୁଡିକରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ଏହି ପ୍ରତିଯୋଗିତା ସରକାରୀ ଏସଏସଡ଼ି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ହେବ। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ତହସିଲଦାର ଦୋରା ପତାକା ଉତ୍ତୋଳନ କରିବେ।

### ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଯୋଗିତା

**ଶେରଗଡ,୨୧।୧(ଡି.ଏନ୍.ଏ.):** ଶେରଗଡ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଲକ୍ଷ୍ମୀନାରାୟଣ କର, ଶୈରିନ୍ଦ୍ରି ଦଳେଇ ଓ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଚାରକଭାବେ ଡ୍ରାଇଭର ବିଷୋୟୀ, ସରୋଜ କୁମାର ପାଣିଗ୍ରାହୀ, ସୁଦର୍ଶନ ବେହେରା ଯୋଗଦେଇଥିଲେ।

# ସୈନ୍ୟବାହିନୀରେ ଯୋଗଦେବାକୁ ପରାମର୍ଶ

ମାଲକାନଗିରି,୨୧।୧(ଡି.ଏନ.ଏ)

ଦେଶର ଆଭ୍ୟନ୍ତରିଣ ଅଞ୍ଚଳ ଏବଂ ସୀମା ସୁରକ୍ଷା ବର୍ତ୍ତମାନ ପରିସ୍ଥିତିରେ ଜରୁରୀ ହୋଇପଡିଛି। ଏଥିପାଇଁ ଆମ ଦେଶରେ ସୈନିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯବାନମାନେ ଦେଶମାତୃକାର ସେବା କରିବା ପାଇଁ ସୈନ୍ୟବାହିନୀରେ ଯୋଗ ଦେଇ ନିଜ ଦେଶପ୍ରେମର ପରିଚୟ ଦେଇଥାନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ବାୟୁସେନା, ସ୍ଥଳସେନା ଏବଂ ନୌସେନାରେ ଯୋଗ ଦେଇ ସେମାନେ ଦେଶର ସୁରକ୍ଷା ପାଇଁ ରାତିଦିନ ଜାଗ୍ରତ ପ୍ରହରି ଭାବେ କାର୍ଯ୍ୟ କରିଥାନ୍ତି। ଏଣୁ ଯୁବତୀ ଯୁବକ ମାନେ ଶିକ୍ଷା ଅଧ୍ୟୟନ ଶେଷ ପରେ ସୈନ୍ୟବାହିନୀରେ ଯୋଗ ଦେବାକୁ ଭୁବନେଶ୍ୱରରୁ ମାଲକାନଗିରି ଆସିଥିବା ସୀମା ସୁରକ୍ଷା ବାହିନୀର ଡେପୁଟି କମାଣ୍ଡାଣ୍ଟ ଟି.ଆର.ସି. ସୁମନ ସାହୁ ପରାମର୍ଶ ଦେଇଥିଲେ। ଦେଶ ସେବା ହିଁ ପ୍ରକୃତ ସେବା। ଏନେଇ କେଉଁ ପଦ୍ଧତି ଅବଲମ୍ବନ କରାଯାଏ ସେ ସମ୍ପର୍କରେ ସେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ମନୋଜ କୁମାର ସିଂ, ଇନ୍ସପେକ୍ଟର କ୍ଲିମେଣ୍ଟ କୁଜୁର, ଭାରପ୍ରାପ୍ତ ଅଧ୍ୟକ୍ଷ ଅଶୋକ ଷଡଙ୍ଗୀ ଉପସ୍ଥିତ ଥିଲେ। ଅଧ୍ୟାପକ ଅରୁଣ ପାଣ୍ଡାଙ୍କ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ ଉତ୍ସବ

କାଲିମେଲା,୨୧।୧(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦର ଜଗନ୍ନାଥ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ଶନିବାର ଅନୁôିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ମାଲକାନଗିରି ବିଧାୟକ ମାନସ ମାଡକାମି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗମ୍ପାକୋଣ୍ଡା ଏସଏସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ପଟେଲ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି, ବ୍ଲକ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକ, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ, ପରିଚାଳନା କମିଟି ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ବିଦ୍ୟାଳୟର ୨ ଜଣ ଛାତୀ ନୃତ୍ୟ ମାଧ୍ୟମରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନବ କିଶୋର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରିଚାଳନା କମିଟିର ସଦସ୍ୟାସଦସ୍ୟ, ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୯-୨୦ ଶିକ୍ଷାବର୍ଷରୁ ଏହି ଶିଶୁ ମନ୍ଦିରରେ ନବମ ଶ୍ରେଣୀ ଖୋଲାଯିବ ବୋଲି ଏହି ଅବସରରେ ସୂଚନା ପ୍ରଦାନ କରାଯାଇଥିଲା।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# କଲ୍ୟାଣ ମଣ୍ଡପ ବୁଲି ଦେଖିଲେ ଅଧିକାରୀ

ମାଥିଲି , ୨୧।୧ (ସ୍ୱ.ପ୍ର)

ମାଥିଲି ବ୍ଲକ ସଦର ଶହୀଦ ଲକ୍ଷ୍ମଣ ନାୟକ ଭବନ ପରିସରରେ ଥିବା କଲ୍ୟାଣ ମଣ୍ଡପକୁ ସୋମବାର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ବୁଲି ଦେଖିଛନ୍ତି। ସୁନ୍ଦର ଭାବେ ନିର୍ମିତ ହୋଇଥିବା ଏହି ମଣ୍ଡପକୁ ଆହୁରି ଅଧିକ ଉନ୍ନତି କରିବା ସହ ଚତୁଃପାର୍ଶ୍ୱରେ ଫୁଲଗଛ ଲଗାଇବାକୁ ସେମାନେ ପରାମର୍ଶଦେଇଥିଲେ। ମାଲକାନଗିରି ପିଡି ଲିଙ୍ଗରାଜ ପଣ୍ଡା, ଏସଡିପିଓ ଶ୍ରବଣ ବିବେକ, ବିଡିଓ ଆଶିଷ କୁମାର ଭୋଇ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଏନଏନ ଦାସ, ଜିପିଟିଏ ନୟନ ସରକାର, ପିଇଓ ଅଶୋକ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ କଲ୍ୟାଣମଣ୍ଡପ ପରିଦର୍ଶନ କରି ଫେରୁଛନ୍ତି।

## ଭ୍ୟାନ୍‌କୁ ଧକ୍କାଦେଇ ଯବାନ ମୃତ

ଗୋବିନ୍ଦପାଲି, ୨୧।୧

ମାଲକାନଗିରି ଜିଲା ମାଥିଲି ଥାନା ଅଧୀନ ଗୋବିନ୍ଦପାଲୀସ୍ଥିତ ହିରୋ ଶୋ'ରୁମ୍ ସାମ୍ନାରେ ସୋମବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନକୁ ବାଇକ୍ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଆରୋହୀ ଭରତ ପୂଜାରୀ(୨୮)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ମାଥିଲି ଅଞ୍ଚଳରେ। ପ୍ରକାଶ ଯେ, ହିରୋ ଶୋ'ରୁମ୍ ଆଗରେ ବାଇକ୍ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଭରତଙ୍କ ବାଇକ୍ ଧକ୍କା ଦେଇଥିଲା। ଏଥିରେ ଭରତ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଭରତ ଜଣେ ସିଆଇଏସ୍ ଯବାନ ଥିଲେ। ସେ ଛୁଟି କଟାଇବାକୁ ଘରକୁ ଆସିଥିଲେ।

# ଦୁର୍ଘଟଣାରେ ୧୧ ଆହତ

କୋରୁକୋଣ୍ଡା, ୨୧।୧(ଡି.ଏନ.ଏ.)

ସୋମବାର କୋରୁକୋଣ୍ଡା ସାପ୍ତାହିକ ହାଟକୁ ଆସୁଥିବା ଏକ ଟ୍ରକ କୋଇଲିପାଲିଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୧୧ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବିଭିନ୍ନ ଅଞ୍ଚଳର ୧୨ ଜଣ ବ୍ୟବସାୟୀ ଏମଭି-୪୮ ଗ୍ରାମରୁ ଏହି ହାଟକୁ ପନିପରିବା ଧରି ଆସୁଥିବା ବେଳେ ଏପରି ଘଟିଛି। କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ୫ଜଣଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ଅଗ୍ନିଶମ ବିଭାଗ ପକ୍ଷରୁ ତାଲିମ ଶିବିର

କୋରୁକୋଣ୍ଡା, ୨୧।୧(ଡି.ଏନ.ଏ.)

କୋରୁକୋଣ୍ଡାସ୍ଥିତ ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟଠାରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ ପକ୍ଷରୁ ହଠାତ୍ ଅଗ୍ନିକାଣ୍ଡ ଘଟିଲେ ନିଆଁ କବଳରୁ କିପରି ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷିତ ରଖିପରିବେ ସେହି କୌଶଳ ଛାତ୍ରୀଛାତ୍ରଙ୍କୁ ସୋମବାର ତାଲିମ ପ୍ରଦାନ କରାଯାଇଥିଲା। ନିଆଁକୁ କିପରି ପାଣି, ଫେଣ ଓ ଅଙ୍ଗାରକାମ୍ଳ ଗ୍ୟାସ ଦ୍ୱାରା ନିୟନ୍ତ୍ରଣ କରାଯିବ ସେହି କୌଶଳ ଛାତ୍ରୀଛାତ୍ରମାନେ ଶିଖିଥିଲେ। କୋରୁକୋଣ୍ଡା ଅଗ୍ନିଶମର ଓଆଇସି କୃଷ୍ଣଚନ୍ଦ୍ର ଶବର, ଏଫଏମଡି ରଞ୍ଜନ ଡାକୁଆ, ଏଫଏମ ଉମାଶଙ୍କର ନାୟକ, ଅଜିତ ଶବର, ପୁରଞ୍ଜନ ଭତ୍ରା, ମେଘନାଥ ବଞ୍ଜାର, ନବୀନ ନାୟକ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ବିଶ୍ୱଜିତ ପାଙ୍ଗୀ, ଜେସ୍ମାରାଣୀ ପ୍ରଧାନ, ତୁଷାର ମଣ୍ଡଳ, ଶୁଭାଶିନୀ ନନ୍ଦ, ଶୁଭ୍ରାଂଶୁ ନାୟକ, ବିତେଶ କୁମାର ବାରିକ, ରାଜେନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ।


ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିରାପତ୍ତା କୌଶଳ ପ୍ରଦର୍ଶନ କରୁଛନ୍ତି।

# ପିଲାଙ୍କ ସମସ୍ୟା ପଚାରି ବୁଝିଲେ ସରପଞ୍ଚ

ଗୋବିନ୍ଦପାଲ୍ଲୀ,୨୧।୧(ଡି.ଏନ୍.ଏ.)

ମାଲାକନଗିରି ଜିଲା ଖଇରପୁଟ ବ୍ଲକର ମାଡକାପଦର ସରପଞ୍ଚ ଧବୁଲୁ ଶିଶା ସୋମବାର ଦିଶାରୀଗୁଡ଼ା ଗ୍ରାମରେ ପହଞ୍ଚି ଲୋକଙ୍କ ସୁବିଧା ଅସୁବିଧା ବୁଝିବା ପରେ ସେଠାରେ ଥିବା ସରକାରୀ ବିଦ୍ୟାଳୟରେ ପିଲାଙ୍କ ଗହଣରେ କିଛି ସମୟ ବିତାଇଥିଲେ। ପିଲାଙ୍କ ସୁବିଧା ଅସୁବିଧା, ପାଠପଢ଼ା, ମଧ୍ୟାହ୍ନଭୋଜନ ବିଷୟରେ ପଚାରଥିଲେ। ପରିସ୍କାର ପରିଚ୍ଛନ୍ନ ରହିବା, ସ୍ୱାସ୍ଥ୍ୟର ଯତ୍ନ ନେବା, ମଶାରି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ସରପଞ୍ଚ ଶିଶା ଜଣେ ଡିଡାଇ ସମ୍ପ୍ରଦାୟର ବ୍ୟକ୍ତି। ଅଞ୍ଚଳବାସୀଙ୍କ ସାମାଜିକ, ଆର୍ଥିକ, ଶୈକ୍ଷିକ ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସେ ସବୁବେଳେ ଉଦ୍ୟମ କରିଥାନ୍ତି। ତାଙ୍କ ଘରଠାରୁ ପଞ୍ଚାୟତ ଅଫିସ ଦୂରତା କୋଡିଏ କିମି। ଏହା ସତ୍ତ୍ୱେ ସେ ପ୍ରାୟ ଅଧିକାଂଶ ଦିନ ପଞ୍ଚାୟତ ଅଫିସ ଆସି ଲୋକଙ୍କ ସମସ୍ୟା ବୁଝିଥାନ୍ତି।


ବିଦ୍ୟାଳୟରେ ସରପଞ୍ଚ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝୁଛନ୍ତି।











Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

